# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30th June - 2024**

**News Editor : *Itishree Singh Rathaur***

**********************************

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ଏହା ୧୧୧ତମ ସଂସ୍କରଣ ହେବ । କ୍ରମାଗତ ଭାବେ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ପ୍ରଥମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ 'ମନ୍ କୀ ବାତ୍' ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । 'ମନ୍ କୀ ବାତ୍' ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

***BBSR/R***

# ମୁଖ୍ୟମନ୍ତ୍ରୀ - ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନା ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରୁ ଶୁଭାରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ନୂଆଦିଲ୍ଲୀରେ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ସେହିଦିନ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହା ସହିତ ଆସନ୍ତା ଖରିଫ୍ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନା ଅଧୀନରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ ।

***IPR***

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଗତକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସାକ୍ଷାତ୍ କରି ରାଜ୍ୟର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି ।

ଡକ୍ଟର ଜୟଶଙ୍କରଙ୍କ ସହ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ୟୁ.ଏ.ଇ.ର କନ୍‌ସୁଲେଟ୍ ଖୋଲିବା ଉପରେ ଗୁରୁତ୍ୱ ଦେଇଥିଲେ । ଦୁବାଇରେ ରାଜ୍ୟର ଅଧିକ ଲୋକ କାମ କରୁଥିବାରୁ ଏବଂ ଦୁବାଇ ସହିତ ବ୍ୟାବସାୟିକ ସମ୍ପର୍କ ବୃଦ୍ଧି ଲାଗି ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାସହ ରାଜ୍ୟର ୮ ଜଣ ଦୁବାଇରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ରାଜ୍ୟକୁ ଫେରି ନ ପାରୁଥିବାରୁ ତାଙ୍କୁ ଫେରାଇ ଆଣିବାପାଇଁ ସହଯୋଗ କାମନା କରିଥିଲେ । ସେହିଭଳି ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନା, ଭୁବନେଶ୍ୱର ଏମ୍ସର ସମ୍ପ୍ରସାରଣ, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରିତା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

***Puri/R***

# ରେଳମନ୍ତ୍ରୀ - ସମୀକ୍ଷା ବୈଠକ

ପୁରୀ ରଥଯାତ୍ରାକୁ ନେଇ ରେଳବିଭାଗ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମୀକ୍ଷା କରିଛନ୍ତି । ଏହି ସମୟରେ ଯାତ୍ରୀମାନଙ୍କ ସୁବିଧାପାଇଁ ଅସ୍ଥାୟୀ ଟିକେଟ୍ କାଉଣ୍ଟର୍, ୨୫ ହଜାର ଯାତ୍ରୀ ବିଶ୍ରାମ ପାଇଁ ବିଶ୍ରାମ ସ୍ଥଳୀ ଆଦିର ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ ଅବଗତ ହୋଇଥିଲେ । ଏ.ଆଇ. ଆଧାରିତ ଡାଇନାମିକ୍ ସିଡ୍ୟୁଲିଙ୍ଗ୍ ମାଧ୍ୟମରେ ଅଧିକ ସ୍ୱତନ୍ତ୍ର ଟ୍ରେନ୍‌ପାଇଁ ଯୋଜନା ରହିଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

*Desk*

# ମୁଖ୍ୟମନ୍ତ୍ରୀ ବସ୍ ସେବା

ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଜିଲ୍ଲା ମୁଖ୍ୟାଳୟକୁ ଚଳାଚଳ କରୁଥିବା ଲକ୍ଷ୍ମୀ ବସ୍‌ର ନାମ ପରିବର୍ତ୍ତନ ହୋଇ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ସେ କହିଛନ୍ତି, ଆସନ୍ତା ରଥଯାତ୍ରାରେ ସମସ୍ତ ବ୍ଲକ୍‌ରୁ ପୁରୀକୁ ଏହି ବସ୍ ଚଳାଚଳ କରିବ । ଲୋକମାନେ ଯେପରି ଅଧିକରୁ ଅଧିକ ବସ୍‌ସେବା ପାଇପାରିବେ, ସେ ଦିଗରେ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

*IPR*

# ପରିସଂଖ୍ୟାନ ଦିବସ

ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଯୋଜନା ଓ ସଂଯୋଜନା ବିଭାଗ ଆନୁକୂଲ୍ୟରେ ଅଷ୍ଟାଦଶ ଜାତୀୟ ପରିସଂଖ୍ୟାନ ଦିବସ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇବା ସହ ଗଣତନ୍ତ୍ର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ

ନିର୍ଦ୍ଦେଶାଳୟର ବାର୍ଷିକ ପତ୍ରିକା ଏବଂ ଅନ୍ୟାନ୍ୟ ପରିସଂଖ୍ୟାନ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା ।

***BBSR/R***

## ରାଜ୍ୟସଭା - ଉପାଧ୍ୟକ୍ଷ ପ୍ୟାନେଲ୍

ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲ୍‌ରେ ବି.ଜେ.ଡି. ସାଂସଦ ସୁଜିତ୍ କୁମାର ସ୍ଥାନ ପାଇଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନ୍‌ଖଡ୍ ୮ ଜଣ ସାଂସଦଙ୍କୁ ନେଇ ଗଠନ କରିଥିବା ପ୍ୟାନେଲ୍‌ରେ ଶ୍ରୀ କୁମାର ରହିଛନ୍ତି । ଉପାଧ୍ୟକ୍ଷ ପ୍ୟାନେଲ୍‌ରେ ୫୦ ପ୍ରତିଶତ ସ୍ଥାନ ମହିଳା ସାଂସଦଙ୍କୁ ମିଳିଛି ।

***Desk***

## ତାଇକୋଣ୍ଡୋ ଚାମ୍ପିୟନ୍‌ସିପ୍

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଇଣ୍ଡିଆ ତାଇକୋଣ୍ଡୋ ପକ୍ଷରୁ ତୃତୀୟ ଜୁନିୟର୍ ଜାତୀୟ ତାଇକୋଣ୍ଡୋ ଚାମ୍ପିୟନସିପ ଆରମ୍ଭ ହୋଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗତକାଲି ଏହି ଚାମ୍ପିୟନ୍‌ସିପ୍‌ର ଉଦ୍‌ଘାଟନ କରିଥିଲେ । ଏଥିରେ ୨୨ଟି ରାଜ୍ୟର ୭୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

*Met. O.*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସ୍ପଷ୍ଟ ଲଘୁଚାପ ପ୍ରଭାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ୍‌ରେ ସର୍ବାଧିକ ୧୭୫ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ।

*****